# ପିଲାଙ୍କ ଧରିତ୍ରୀ


ଶନିବାର, ୨୩ ଫେବୃୟାରୀ, ୨୦୧୯



୭ ଜଣା - ଅଜଣା



୮ ଆଇନା



କବିତା ୬



ପରୀକ୍ଷା ପ୍ରସ୍ତୁତି ୩

## ମତାମତ

"ଶିଶୁ ପ୍ରତିଭା ସ୍ତମ୍ଭରୁ ଅଲ୍‌ରାଉଣ୍ଡର ସ୍ୱପ୍ନଦୀପ୍‌ଙ୍କ ପ୍ରତିଭା ବିଷୟରେ ପଢ଼ି ଖୁସି ଲାଗିଲା। ଏତେ କମ୍ ବୟସରୁ ନୂଆ ଜିନିଷ ଶିଖିବାର ନିଶା ନିଶ୍ଚୟ ତାଙ୍କର ଆଶାକୁ ସାକାର କରିବ।

– ନିକିତା ଷଡ଼ଙ୍ଗୀ, ଟିଟିଲାଗଡ, ବଲାଙ୍ଗୀର

"ପାର୍ଥକ୍ୟ ଦର୍ଶାଅ ଏବଂ ବିନ୍ଦୁଯୋଡ ସ୍ତମ୍ଭଟି କରିବାକୁ ମଜା ଲାଗୁଛି। ଆଇନା ପୃଷ୍ଠାଟି ଖୁବ୍ ସୁନ୍ଦର ଦେଖାଯାଉଛି।

– ଦୀପଙ୍କର ବିଶ୍ୱାଳ,
ପାଣିକୋଇଲି, ଯାଜପୁର

"ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶ ପାଉଥିବା ଜଣା ଅଜଣା ଏବଂ ବିଜ୍ଞାନ କଥା ବେଶ୍ ଶିକ୍ଷଣୀୟ ହେଉଛି।

– କାମିନୀ ଦାସ, ନରେନ୍ଦ୍ରପୁର, ଗଞ୍ଜାମ

"ଖିଲିଖିଲି ହସରେ ପ୍ରକାଶିତ ଟିଭି କଥା ପଢ଼ି ଖୁବ୍ ହସିଲି।

– ମନୋଜ ରାୟ,
ମୁକୁନ୍ଦପୁର, ବାଙ୍କୀ

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଗଛଟିଏ ଲଗା ଭାଇ! ପାଣି ଟୋପେ ଦିଅ

ଗପ



ରଥିପୁର ଏକ ପାହାଡ଼ଘେରା ଗାଁ। ଗାଁ ମୁଣ୍ଡରେ ଛୋଟ ନାଳଟିଏ କାହିଁ କେଉଁ କାଳରୁ କୁଳୁକୁଳୁ ହେଇ ବହି ଯାଉଛି। ଖରାଦିନେ ବି ନାଳପାଣିରେ ଗାଧୋଇଲେ ଦେହ ଶୀତେଇ ଉଠେ। ଅନେକ ବର୍ଷ ଧରି ଗାଁ, ନଈ, ନାଳ, ପାହାଡ଼ର କିଛି ବି ପରିବର୍ତ୍ତନ ହୋଇ ନାହିଁ। ପରିବେଶ ଥିଲା ଶାନ୍ତ ଓ ସୁସ୍ଥ। ସବୁଜ ବନାନୀରେ ଭରି ରହିଥିଲା ଗାଁ ପରିବେଶ। ଦିନକୁ ଦିନ ସହରୀ ସଭ୍ୟତା ବଢ଼ିଲା। ଆବଶ୍ୟକତା ପୂରଣ ପାଇଁ ଗାଁ ଲୋକ ସହର ମୁହାଁ ହେଲେ। ପଲ୍ଲୀ ଗାଁର ପରିବର୍ତ୍ତନ ହେଲା। ରଥିପୁର ଗାଁକୁ ମଧ୍ୟ ସହରୀ ସଭ୍ୟତା ଧୀରେ ଧୀରେ ଆସିଲା। ଗାଁ ପିଲାଏ ମୋବାଇଲ ଧରିଲେ, କୋଠାବାଡି ମୁଣ୍ଡ ଟେକିଲା, ଜଙ୍ଗଲରୁ କାଠ କଟା ହୋଇ ସହରକୁ ପ୍ରବେଶ କଲା, ଘରେ ଘରେ ଇଟା ଭାଟି ବସିଲା। ଜଙ୍ଗଲରୁ କାଠକଟାଯାଇ ସେଥିରେ ଇଟା ପୋଡାହେଲା। କଂକ୍ରିଟ, ଇଟାର ଘରରେ ଗାଁ ଭର୍ତ୍ତି ହୋଇଗଲା, ଜଙ୍ଗଲ ମାଫିଆଙ୍କ ସଂଖ୍ୟା ବଢ଼ିଲା, ଗାଁ ଟୋକାଙ୍କୁ ହାତ କରି ଜଙ୍ଗଲକୁ ପଦା କଲେ। କେଇ ବର୍ଷ ମଧ୍ୟରେ ରଥିପୁର ଜଙ୍ଗଲ ନଷ୍ଟ ହୋଇଗଲା। କିଛି ବୟସ୍କ ବ୍ୟକ୍ତି ପ୍ରତିବାଦ କଲେ। ହେଲେ ସେମାନଙ୍କ କଥା ଶୁଣେ କିଏ? କେବଳ ଗାଁ ମୁଣ୍ଡ ଠାକୁରାଣୀ ଘର ପାଖରେ ଥିବା ବର, ଅଶ୍ୱତ୍ଥ, ଆମ୍ବ ଜାମୁ ଆଦି କେତୋଟି ଗଛ ମାଫିଆଙ୍କ କବଳରୁ ମୁକ୍ତ ରହିଲା। ତଥାପି ସେମାନେ ମଧ୍ୟ ହେଲେ ଅଙ୍ଗଶୂନ୍ୟ ବା ଥୁଣ୍ଟା ପ୍ରାୟ। କିଛିବର୍ଷ ପରେ ଦେଖାଗଲା ଯେ ବର୍ଷା ଧୀରେ ଧୀରେ କମିଯାଉଛି। ଆକାଶ କେବଳ ମେଘୁଆ ରହିଲା। ଧଳା ଧଳା ବାଦଲ ଆକାଶରେ ଭାସିଲା। ଅସମୟରେ ମେଘ ଆସିଲା। ମହାବାତ୍ୟା ହେଲା। କାଳକ୍ରମେ ବର୍ଷା ପୁଣି କମିଗଲା। ନଈ, ପୋଖରୀ ଶୁଖିଲା ପଡିଲା। ମରୁଡି ସବୁ ଆଡ଼େ। ଜଳ ପାଇଁ ଚିତ୍କାର ଶୁଭିଲା। ଲୋକମାନେ ଆସ୍ତେ ଆସ୍ତେ ନିଜର ଭୁଲ ବୁଝିପାରି ଗିରି ଗୋବର୍ଦ୍ଧନ ପୂଜା କଲେ। ତଥାପି ବର୍ଷା ହେଲାନି। ବରଂ ପ୍ରକୃତି ଦାଉ ସାଧିଲା।




ଲୋକମାନେ ସରକାରୀ ସ୍ତରରେ ଜଳ ପାଇବା ପାଇଁ ନିବେଦନ କଲେ। ପ୍ରଶାସନ ଗାଁ ଗଣ୍ଡାରେ କୂଅ ପୋଖରୀ ଖୋଳିଲା। ଅତି ଆବଶ୍ୟକ ସ୍ଥାନରେ ଜଳସେଚନ ବ୍ୟବସ୍ଥା କଲା। ପାଣି ପାଇଁ ଗାଁ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା। ଏହାର ସମାଧାନ ଲାଗି ଗ୍ରାମବାସୀ ଏକଜୁଟ ହୋଇ ଗ୍ରାମସଭା କଲେ। ଗାଁ ଲୋକମାନେ ନିଷ୍ପତ୍ତି ନେଲେ ଯେ ପ୍ରତ୍ୟେକ ଲୋକ ସେମାନଙ୍କ ବାଡିରେ ପାଞ୍ଚଟି ଗଛ ଲଗେଇବେ। ଗାଁ ପଞ୍ଚାୟତ କଥା ମାନି ସବୁଲୋକ ଗଛ ଲଗାଇଲେ। ନିଜେ ବହୁ କଷ୍ଟରେ ଜଳ ସଂଗ୍ରହ କରି ଗଛକୁ ବଞ୍ଚେଇଲେ। ରଥିପୁର ଗାଁ ଲୋକମାନଙ୍କର ମହତ୍ କାର୍ଯ୍ୟ ପାଇଁ ଶୁଭେଚ୍ଛା ବାର୍ତ୍ତା ଆସିଲା। ସରକାର ମଧ୍ୟ ହଜାର ହଜାର ସଂଖ୍ୟାରେ ଚାରାଗଛ ଯୋଗେଇ ଦେଲେ। କେଇ ବର୍ଷ ମଧ୍ୟରେ ଲଣ୍ଡା ପାହାଡ ଭରା ରଥିପୁର ଗାଁ ସବୁଜିମାରେ ଭରିଗଲା। ଚାଷୀମାନେ ଲକ୍ଷଲକ୍ଷ ଟଙ୍କାର ଆମ୍ବ, ପଣସ ବିକ୍ରି କଲେ। ଗାଁ ପରିବେଶ ଧୀରେ ଧୀରେ ଶୀତଳ ହେଲା। ମେଘ ଆସିଲା। ମୟୂର ମଧ୍ୟ ନାଚିଲେ, କଅଁଳିଆ ଗଛଗୁଡିକ ସତେ ଯେମିତି ହସିଉଠିଲେ। ମାତ୍ର ପୂର୍ବରୁ ବଞ୍ଚିଥିବା ଥୁଣ୍ଟା ବରଗଛ, ଅଶ୍ୱତ୍ଥ, କୃଷ୍ଣଚୂଡ଼ା ସତେ ଯେମିତି ଖୁସି ନ ଥିଲେ। ମନେ ହେଉଥିଲା ସେମାନେ ରଥିପୁର ଗାଁବାଲାଙ୍କ ଉପରେ ରାଗିଛନ୍ତି। ମନରେ ଦୁଃଖ ଥିଲେ ମଧ୍ୟ ଅନ୍ୟଗଛଙ୍କ ଖୁସିପାଇଁ ଗ୍ରାମବାସୀଙ୍କୁ ଧନ୍ୟବାଦ ଦେଇଥିଲେ। ଆତ୍ମତୃପ୍ତି ଲାଗି ସେମାନେ କବିତାଟିଏ ଗାଇଥିଲେ।

"ଗଛଟିଏ ଲଗା ଭାଇ ପାଣିଟୋପେ ଦିଅ
ବଡ଼ ହେଲେ ଯେତେ ଇଚ୍ଛା ସେତେ ଫୁଲଫଳ ନିଅ।"

**– ବିରଞ୍ଚି ନାରାୟଣ ବେହେରା**
ସହକାରୀ ନିର୍ଦ୍ଦେଶକ, ରାଜସ୍ୱ ପ୍ରଶିକ୍ଷଣ ପ୍ରତିଷ୍ଠାନ,
ଗୋଠପାଟଣା, ଭୁବନେଶ୍ୱର

## ବିନ୍ଦୁ ଯୋଡ଼



## ଚଗଲା ଭୀମୁ




## ଖିଲିଖିଲି ହସ

**(ଦୁଇସାଙ୍ଗ ମଧ୍ୟରେ କଥାବାର୍ତ୍ତା)**

ତୃପ୍ତି: କହିଲୁ ଦୀପ୍ତି, ଅଧିକ ବାଦାମ ଖାଇଲେ କ'ଣ ହେବ ?
ଦୀପ୍ତି: ମୁଁ ଜାଣିନି।
ତୃପ୍ତି: ବାଦାମ ସରିଯିବ।

ନନ୍ଦୁ: ଆରେ ବିନ୍ଦୁ, ମୁଁ ତୋତେ କେବେଠୁ ଡାକୁଛି ହେଲେ ତୁ ଶୁଣୁନୁ ?
ବିନ୍ଦୁ: କିନ୍ତୁ ମୁଁ ତ ଜମା ଶୁଣିନି ....
ନନ୍ଦୁ: ଆଚ୍ଛା, ଯଦି ଶୁଭୁ ନ ଥିଲା ମୋତେ ଅନ୍ତତଃ ଟିକେ କହି ତ ପାରିଥାନ୍ତୁ।

ପିଙ୍କି: ଜାଣିଲୁ ଟିଙ୍କୁ, ମଣିଷ ତୁଳନାରେ ଘୋଡ଼ା ବହୁତ ବୁଦ୍ଧିମାନ।
ଟିଙ୍କୁ: କେମିତି ?
ପିଙ୍କି: ଯେତେବେଳେ ଘୋଡ଼ା ଦୌଡ଼ ହୁଏ ସେତେବେଳେ ହଜାର ହଜାର ଲୋକ ଦେଖନ୍ତି। ହେଲେ ମଣିଷ ଦୌଡ଼ ଦେଖିବାକୁ ଘୋଡ଼ାମାନେ ତ ଆସନ୍ତିନି।

# ପରୀକ୍ଷା ପ୍ରସ୍ତୁତି



*ବର୍ତ୍ତମାନ ସମୟ ବାର୍ଷିକ ପରୀକ୍ଷାର। ବର୍ଷସାରାର ପରିଶ୍ରମର ଫଳ ଏହି ସମୟରେ ହିଁ ଜଣାପଡ଼େ। ତେଣୁ ପିଲାମାନେ ବାର୍ଷିକ ପରୀକ୍ଷା ପାଇଁ କିଭଳି ଭାବେ ପ୍ରସ୍ତୁତ ହେଉଛନ୍ତି ସେ ସମ୍ପର୍କରେ....*

❖**କଷ୍ଟ ଲାଗୁଥିବା ବିଷୟ ପ୍ରତି ଟିକିଏ ଅଧିକ ଗୁରୁତ୍ୱ ଦେଉଛି:** ପରୀକ୍ଷା ପୂର୍ବ ସମୟଗୁଡିକୁ ନଷ୍ଟ ନ କରି ଦିନକୁ ୭ ରୁ ୮ ଘଣ୍ଟା ପରିଶ୍ରମ କରୁଛି। ରିଭିଜନ ସରିଲାଣି। କଷ୍ଟ ଲାଗୁଥିବା ବିଷୟ ପ୍ରତି ଟିକିଏ ଅଧିକ ଗୁରୁତ୍ୱ ଦେଇ ପଢୁଛି। ପରୀକ୍ଷାକୁ ଆଦୌ ବୋଝ ବୋଲି ନ ଭାବି ଆରାମରେ ସବୁ ବିଷୟକୁ ଭଲଭାବେ ବୁଝି ମନେରଖିବାକୁ ଚେଷ୍ଟା କରୁଛି।

– **ଶୋଭନାସ୍ମିତା ସାହୁ,** କ୍ଲାସ୍-୯, ସରସ୍ୱତୀ ବିଦ୍ୟାମନ୍ଦିର, ଘଷିପୁରା, କେନ୍ଦୁଝର

❖**ମାମା ମୋତେ ପାଠ ପଢାରେ ସାହାଯ୍ୟ କରନ୍ତି:** ପରୀକ୍ଷା ସମୟ ପାଖେଇ ଆସିଲେ ମୋତେ ଟିକିଏ ନର୍ଭସ୍ ଲାଗେ। ତେଣୁ ମୋ ମାମା ମୋତେ ବୁଝେଇଥାନ୍ତି। ସେ ମୋ ପାଠ ପଢାରେ ମଧ୍ୟ ସାହାଯ୍ୟ କରନ୍ତି। ବୁଝି ନ ପାରୁଥିବା ବିଷୟକୁ ବାରମ୍ବାର ପଢେ ଏବଂ ମନେରଖିବାକୁ ଚେଷ୍ଟା କରେ।

– **ଦିବ୍ୟାନୀ ସେନାପତି,** କ୍ଲାସ୍-୯, ସେଣ୍ଟ ଜାଭିୟର ହାଇସ୍କୁଲ, ଯାଜପୁର ରୋଡ, ଯାଜପୁର

❖**ଦିନକୁ ୭ରୁ ୮ ଘଣ୍ଟା ପରିଶ୍ରମ କରୁଛି:** ଆଉ କିଛି ଦିନ ପରେ ବାର୍ଷିକ ପରୀକ୍ଷା ଦେବି। ଏଥିଲାଗି କଠିନ ପରିଶ୍ରମ କରୁଛି। ଦିନକୁ ୭ରୁ ୮ ଘଣ୍ଟା ପଢୁଛି। ଇଂରାଜୀ ବିଷୟକୁ ବାଦ ଦେଇ ବାକି ବିଷୟ ସହଜ ଲାଗୁଛି। ତେଣୁ ଏହି ବିଷୟ ଲାଗି ସ୍ୱତନ୍ତ୍ର ଟ୍ୟୁଶନ ନେଉଛି।

– **କିଶ୍ୱରୀ ଗାଣ୍ଡା,** କ୍ଲାସ୍- ୮, ଆଙ୍କୁଲା ୟୁ.ପି ସ୍କୁଲ, ଆଙ୍କୁଲା, କୋଟପାଡ, କୋରାପୁଟ

❖**ଶ୍ରେଣୀଶିକ୍ଷକ ଓ ଟ୍ୟୁଶନ୍‌ଶିକ୍ଷକଙ୍କଠାରୁ ପାଠ ସମ୍ପର୍କିତ ଡାଉଟ୍ ଦୂର କରିଥାଏ:** ଆସନ୍ତା ମାର୍ଚ୍ଚରେ ହେବାକୁ ଥିବା ପରୀକ୍ଷା ପାଇଁ ବେଶ୍ ପରିଶ୍ରମ କରି ପାଠ ପଢୁଛି। ସ୍କୁଲରୁ ଆସିବା ପରେ ୬ ଘଣ୍ଟା ଘରେ ପାଠ ପଢିଥାଏ। ଶ୍ରେଣୀଶିକ୍ଷକ, ଟ୍ୟୁଶନ୍ ଶିକ୍ଷକ ଓ ମାତାପିତାଙ୍କଠାରୁ ପାଠ ସମ୍ପର୍କିତ ଡାଉଟ୍ ଦୂର କରିଥାଏ। ଇତିହାସ ମୋର ପ୍ରିୟ ବିଷୟ। ଭବିଷ୍ୟତରେ ଶିକ୍ଷୟିତ୍ରୀ ହେବାକୁ ମୋର ଇଚ୍ଛା।

– **ଡି.ମୋନିକା ପ୍ରିୟଦର୍ଶିନୀ,** କ୍ଲାସ-୮, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଡୁବୁରୀ, ଯାଜପୁର

❖**ସକାଳ ୪ଟାରୁ ଉଠି ନିତ୍ୟକର୍ମ ସାରି ପାଠପଢ଼େ:** ମୋର ମାର୍ଚ୍ଚ ମାସରେ ବାର୍ଷିକ ପରୀକ୍ଷା ହେବ। ଏଥିଲାଗି ପ୍ରତିଦିନ ସକାଳ ୪ଟାରୁ ଉଠି ନିତ୍ୟକର୍ମ ସାରି ପାଠପଢ଼ାରେ ଲାଗିଯାଏ। ପୁନଶ୍ଚ ସାଢ଼େ ଆଠଟାରୁ ସାଢ଼େ ଗୋଟାଏ ଯାଏଁ ବିଦ୍ୟାଳୟରେ ପଢ଼େ। ଦୁଇଟାରେ ଘରକୁ ଫେରେ। ପୁଣି ତିନିଟାରେ ଟ୍ୟୁଶନ୍‌କୁ ଆସେ। ତିନିଟାରୁ ପାଞ୍ଚଟା ପର୍ଯ୍ୟନ୍ତ ପଢ଼ି ଘରକୁ ଫେରି ଠାକୁରଙ୍କୁ ପ୍ରାର୍ଥନା କରି ପୁଣି ୧୦ଟା ଯାଏଁ ପାଠପଢ଼େ।

–**ରାମଚନ୍ଦ୍ର ଛାଟୋଇ** କ୍ଲାସ-୭, ଶୋଭନୀୟା ଶିକ୍ଷାଶ୍ରମ, କୋଣାର୍କ

❖**କମ୍ ସେ କମ୍ ୧୦-୧୨ଘଣ୍ଟା ପରିଶ୍ରମ କରିଥାଏ:** ମୋର ଇଂରାଜୀ, ଗଣିତ ବିଷୟ ପ୍ରତି ଅଧିକ ଆଗ୍ରହ ରହିଛି। ତେଣୁ ଅନ୍ୟାନ୍ୟ ବିଷୟ ଲାଗି ମୁଁ ଦିନକୁ କମ୍ ସେ କମ୍ ୧୦-୧୨ଘଣ୍ଟା ପରିଶ୍ରମ କରିଥାଏ ଆଉ ସେଥିଲାଗି ମୁଁ କ୍ଲାସରେ ପ୍ରଥମ ହୁଏ। ବିଦ୍ୟାଳୟର ନାମ ରଖିବା ସହ ମା'ବାପାଙ୍କ ସ୍ୱପ୍ନକୁ ସାକାର କରିବା ମୋର ଲକ୍ଷ୍ୟ । ଅଳ୍ପଦିନ ପରେ ବାର୍ଷିକ ପରୀକ୍ଷା, ଏହା ମଧ ଭଲ ହେବ ବୋଲି ମୋର ଆଶା।

–**ଉମାକାନ୍ତ ମହନ୍ତ,** କ୍ଲାସ-୭, ମାନବିକ ବିଦ୍ୟାଭବନ, ବ୍ରଜମୋହନପୁର, ହରିଚନ୍ଦନପୁର, କେନ୍ଦୁଝର

## ପରୀକ୍ଷା ପୂର୍ବରୁ ରିଭିଜନ୍ ଜରୁରୀ



*ପରୀକ୍ଷା ପାଖେଇ ଆସିଲାମାନେ ଛାତ୍ରୀଛାତ୍ରଙ୍କଠାରେ ନରଭସ୍‌ନେସ୍ ତଥା ଏକ ଅଜଣା ଡର ଦେଖାଦେଇଥାଏ। ଫଳରେ ଆସୁଥିବା ପାଠକୁ ମଧ୍ୟ ପରୀକ୍ଷାରେ ଭୁଲ କରିବସନ୍ତି। ତେଣୁ ଛାତ୍ରୀଛାତ୍ରମାନେ ଏହି ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ପାଠପଢା ସାଙ୍ଗକୁ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ବିଶେଷ ଯତ୍ନବାନ ହେବା ଜରୁରୀ। ଏଥିଲାଗି ଅଭିଭାବକଙ୍କ ଭୂମିକା ମଧ୍ୟ ବେଶ୍ ଗୁରୁତ୍ୱ ରଖେ। ତେବେ ପରୀକ୍ଷା ପୂର୍ବରୁ ଛାତ୍ରୀଛାତ୍ର ତଥା ଅଭିଭାବକମାନେ କେଉଁ ସବୁ ଦିଗ ପ୍ରତି ଗୁରୁତ୍ୱ ଦେବା ଜରୁରୀ ଜାଣନ୍ତୁ ସେ ସମ୍ପର୍କରେ।*

➲ ପରୀକ୍ଷା ପୂର୍ବରୁ ମିଳୁଥିବା ସମୟର ସଦୁପଯୋଗ କରନ୍ତୁ। ଅଜଥା ସମୟ ନଷ୍ଟ ନ କରି ବର୍ଷସାରା ପଢିଥିବା ପାଠର ପୁନରାବୃତ୍ତି କରନ୍ତୁ।

➲ ସମୟ କମ୍ ଥିବା ହେତୁ ଏହି ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ପରୀକ୍ଷାର ଟାଇମ୍‌ଟେବଲ ଅନୁଯାୟୀ କେଉଁ ବିଷୟ କେତେବେଳେ ପଢିବେ ସେଥିପ୍ରତି ନିଜର ଟାଇମ୍‌ଟେବଲ ପ୍ରସ୍ତୁତ କରନ୍ତୁ।

➲ ଦୁର୍ବଳ ଥିବା ବିଷୟରେ ଶିକ୍ଷକଙ୍କ ସାହାଯ୍ୟ ନେବା ଆବଶ୍ୟକ।

➲ କୌଣସି ବିଷୟକୁ ହେୟ ଭାବିବା ଉଚିତ ନୁହେଁ। ସମସ୍ତ ବିଷୟକୁ ସମାନ ଗୁରୁତ୍ୱ ଦିଅନ୍ତୁ।

➲ ସର୍ବଦା ଚେଷ୍ଟା କରନ୍ତୁ ପାଠଟିକୁ ଭଲ ଭାବରେ ବୁଝି ମନେରଖିବା ପାଇଁ।

➲ ଗଣିତ ଭଳି ବିଷୟକୁ ଖାତାରେ କଷନ୍ତୁ। ପ୍ରାକ୍ଟିସ୍ କରିଲା ବେଳେ ପ୍ରତି ସମାଧାନ ଲାଗି କେତେ ସମୟ ଲାଗୁଛି ସେ ପ୍ରତି ମଧ ବିଶେଷ ଧ୍ୟାନ ଦିଅନ୍ତୁ।

➲ ଏହି ସମୟରେ ପିଲାଙ୍କଠାରେ ଆଳସ୍ୟ, ଅଧୈର୍ଯ୍ୟ ତଥା ବିରକ୍ତି ଭାବ ପରିଲକ୍ଷିତ ହୋଇଥାଏ। ତେଣୁ ଅଭିଭାବକମାନେ ଏହି ସମୟରେ ପିଲାଙ୍କ ନିକଟରେ ରହି ତାଙ୍କୁ ଉପଯୁକ୍ତ ଉପଦେଶ ଦେବା ସହ ତାଙ୍କ ପରୀକ୍ଷା ପ୍ରସ୍ତୁତି ଲାଗି ଉତ୍ସାହ ପ୍ରଦାନ କରନ୍ତୁ।

➲ ପିଲାମାନେ ପରୀକ୍ଷା ଲାଗି କରୁଥିବା ପ୍ରଚେଷ୍ଟା ପାଇଁ ତାଙ୍କର ପ୍ରଶଂସା କରନ୍ତୁ, ଯଦ୍ଦ୍ୱାରା ସେମାନଙ୍କ ମନୋବଳ ଦୃଢ ହୋଇପାରିବ।

➲ ଏହି ସମୟରେ ଅଭିଭାବକମାନେ ପିଲାମାନଙ୍କ ଖାଦ୍ୟପେୟ ପ୍ରତି ମଧ୍ୟ ସବିଶେଷ ଧ୍ୟାନ ଦିଅନ୍ତୁ।

**–ଡ. ରବୀନ୍ଦ୍ର ଆଚାର୍ଯ୍ୟ , କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର**



ଶୋଭନାସ୍ମିତା ସାହୁ



ଦିବ୍ୟାନୀ ସେନାପତି



କିଶ୍ୱରୀ ଗାଣ୍ଡା




ଡି.ମୋନିକା ପ୍ରିୟଦର୍ଶିନୀ



ରାମଚନ୍ଦ୍ର ଛାଟୋଇ



ଉମାକାନ୍ତ ମହନ୍ତ







**୧** ସୌଦାମିନୀ ରାୟ
କ୍ଲାସ-୮,ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ,ବଲାଙ୍ଗୀର



**୨** ଶାଶ୍ୱତୀ ପ୍ରିୟଦର୍ଶିନୀ
କ୍ଲାସ-୩, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର, ଭୁବନେଶ୍ୱର



**୩** ନବ୍ୟା ନବେଲି ମହାନ୍ତି
କ୍ଲାସ-୩, ସଲ୍ଟଲେକ୍ ବିଦ୍ୟା ନିକେତନ, କୋଲକାତା



**୪** ଦେବସ୍ମିତା ମିଶ୍ର
କ୍ଲାସ-୫,ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ୍ ସ୍କୁଲ, ଚନ୍ଦ୍ରଶେଖରପୁର,ଭୁବନେଶ୍ୱର



**୫** ତେଜସ୍ୱିନୀ ପ୍ରଧାନ
କ୍ଲାସ-୪, ଡିଏଭି ପବ୍ଲିକ୍ ସ୍କୁଲ,ଏମ୍‌ସିଏଲ୍ ଏରିଆ,ତାଳଚେର



**୬** ଆଦ୍ୟାଶା ଦାଶ
କ୍ଲାସ-କେଜି-୨,ସେଣ୍ଟ ଜାଭିୟର୍ସ ଇଣ୍ଟରନ୍ୟାଶନାଲ ସ୍କୁଲ,ସତ୍ୟନଗର,ଭୁବନେଶ୍ୱର



**୭** ଜାହ୍ନବୀ ପଟ୍ଟନାୟକ
କ୍ଲାସ-୧, ସେଣ୍ଟ୍ ଜୋସେଫ୍‌ସ ଗାର୍ଲସ ହାଇସ୍କୁଲ,କଟକ



**୮** ପ୍ରାଚୀ ମହାନ୍ତି
କ୍ଲାସ-୮,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଖଣ୍ଡଗିରି, ଭୁବନେଶ୍ୱର



**୯** ସୁଦୀପା ଦେହୁରୀ
କ୍ଲାସ-୮,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଶାରଦା ବିହାର,ଜରପଡା,ଅନୁଗୋଳ




**୧୦** ଲୋରା ଲିଓରା ପାଠୀ
କ୍ଲାସ-୫, ପବ୍ଲିକ ସ୍କୁଲ, ଫୁଲବାଣୀ






୧



୨



୩



୪




୫



୬



୭



୮



୯



୧୦

## କ ବି ତା



# ଆସ ପଢ଼ିବା ପାଠ

ଆସ ଆମେ ସବୁପିଲେ ପଢିବା ପାଠ
ପାଠରେ ରହିଛି ଭରି ସୁଖର ବାଟ।
ପଢିବା ଜାଣିବା ଆମେ ଶିଖି ଶିଖାଇ
ଦୁନିଆରେ ନୂଆ ରଙ୍ଗ ଦେବା ଲଗାଇ।
ଆମେ ଯେତେ କୁନାକୁନି ଟିକି କଳିକା
ଏ ଦୁନିଆ ବଗିଚାରେ ଖେଳୁ ଆମେ ହସି ହସିକା।
ପଢାରେ ହୋଇଛି ଗଢା ଆମ ଦୁନିଆ
ଜ୍ଞାନ ବିଜ୍ଞାନରେ ଯୋଡ଼ା ଆମରି ନାଁ।
ଆଜି ଶିଖି କାଲି ଆମେ ଶିଖାଇ ଦେବା
ସବୁରି ମୁହଁରେ ହସ ଫୁଟାଉ ଥିବା।
ଶିକ୍ଷା ଆମ ସୁରକ୍ଷା ଗତି ପ୍ରଗତି
ଜ୍ଞାନର ଆଲୋକ ଜାଳି ଦେବ ଶକତି।

– **ଜ୍ୟୋତ୍ସ୍ନାରାଣୀ ଦାଶ**, ଶିକ୍ଷୟିତ୍ରୀ,
ଟାଉନ ବାଳିକା ଉପ୍ରା ବିଦ୍ୟାଳୟ,
ପାଲଲହଡ଼ା, ମୋ: ୭୫୪୦୯୧୦୪୮୧


# ପରୀକ୍ଷା ଋତୁଟି ଆସିଲା



ବରଷକ ପାଠ ସରି ଆସିବାରୁ
ପରୀକ୍ଷା ଋତୁଟି ଆସିଲା,
ସାରା ବରଷର ପାଠ ପଢାଫୁଲ
ଫଳ ହୋଇ ସେତ ହସିଲା।
ମନ ଦେଇ ଯିଏ ପଢିଥାଏ ପାଠ
ପରୀକ୍ଷାଟି ମିତ ତା'ର
ପାଠ ପଢାକୁ ତ ଖିଲାପ କରେ ଯେ
ପରୀକ୍ଷା ଦେଖାଏ ଡର।
ଆସ ଆସ ମୋର କୁନା କୁନି ଯେତେ
ମନ ଦେଇ ପାଠ ପଢିବା
ପଢା ବେଳେ ପଢି ଖେଳ ବେଳେ ଖେଳି
ଖୁସିରେ ଦିନ ଯେ କାଟିବା।
ପରୀକ୍ଷା ପରେ ଯେ ଗାଁରେ ମେଳଣ
ଯାତ ଦେଖି ମନ ମୋହିବା
ନୂଆ ଶ୍ରେଣୀରେ ନାମ ଲେଖି ପୁଣି
ନୂଆ ନୂଆ ମିତ ବସିବା।
ଏଇ କଥାକୁ ତ ମନେ ରଖି ଯିଏ
ଠିକ୍ ଭାବରେ ପାଳିବ
ମୋ ପାଖକୁ ଆସି ପରିଚୟ ଦେଲେ
ମିଠେଇ ଡବାଟେ ପାଇବ।

**–ସୁମନ୍ତ ମହାରଣା**
ସମ୍ପାଦକ– 'ମୋ ଆଶା', ନିମାପଡ଼ା, ପୁରୀ
ମୋ: ୯୮୬୧୩୪୨୪୩୭

## ଆସ ଖୋଜିବା




## କହିଲ ଦେଖି



ଲୁଚକାଳି ଖେଳେ ଆକାଶ
ଦେଶେ
ମେଘୁଆ ପାଗରେ ଜମା ନ
ଦିଶେ,
ଲକ୍ଷେ ତାରା ମେଳେ ଭାରି
ସୁନ୍ଦର
ମାମୁ ବୋଲି ନିତି ପାଏ
ଆଦର।

(ଜହ୍ନ)

କଳା ମଚ ମଚ ଦେହଟି ତା'ର
ଚକା ଚକା ଆଖି କେତେ
ସୁନ୍ଦର।
ସାରା ଜଗତକୁ ଚଳାଏ ସିଏ
ତା' ଶକତି ତୁଳନା କରିବ କିଏ
ନନ୍ଦିଘୋଷ ତା'ର କେତେ
ବଢ଼ିଆ
ଭକତ ହାତରୁ ଧରେ ନଡ଼ିଆ।



(ଜଗନ୍ନାଥ)


ଅଥଳ ଜଳରେ ରହିଛି ପୂରି
ଶୋଭା ଦେଖି ମୁଣ୍ଡ ଯିବଟି
ଘୂରି,
ଦେଶ ବିଦେଶରୁ କେତେ
ଚଢ଼େଇ
ଉଡ଼ି ଆସିଥାନ୍ତି ମନ ବଳେଇ
ଶୀତୁଆ ପାଗକୁ ଭାରି
ବଢ଼ିଆ
କାଳିଜାଇ ମାଆ ଭକ୍ତକୁ
ସାହା।

(ଚିଲିକା)



ଶାଳ ବଣେ ସିନା କରିଛି ଘର
ଜଗତେ କାହାକୁ କରେନା ପର
ନଡ଼ିଆ ମନ୍ଦାରେ ସୁହାଗ ତା'ର
ଭକ୍ତଜନ ଲାଗି କୃପା ଭଣ୍ଡାର।

(ମା' ତାରିଣୀ)



**ପ୍ରତାପ ମହାନ୍ତ**, ସମ୍ପାଦକ–'ଗଳାହାର', ଘଟଗାଁ, କେନ୍ଦୁଝର

## ଏଥରର ପ୍ରଶ୍ନ ?

### କେଉଁ ରାଜ୍ୟ ପ୍ରସିଦ୍ଧ


- କାଠି ଏମ୍ବ୍ରୋଡରୀ କାମ–
- ଚିକନ୍‌କାରୀ ହସ୍ତକର୍ମ–
- ଗୋଟା କାମ –
- କାନ୍ଥା ହସ୍ତକଳା–
- ଫୁଲକାରୀ–
- କାସୁଥୀ–
- ଆରୀ–

## ଆର ଥରର ଉ ତ୍ତ ର

* ୯
* ଶୁକ୍ର
* ବୃହସ୍ପତି
* ସୂର୍ଯ୍ୟ
* ପୃଥିବୀ


## ସୃଜନାତ୍ମକ କଳା





ବିସ୍କୁଟ୍‌ରେ କାରିଗରି


# ରିଶି ଓ ବିଜୁଳି ଶକ୍ତି



ବିଜ୍ଞାନ କଥା

ଧରାଶ୍ରୀ ପଲେଇ






**ଶକ୍ତି ସଂରକ୍ଷଣ କରିବା କାହିଁକି:** ରିଶିକୁ ତାଗିଦ କରି ତା'ର ମମି କହିଲେ, ଘରୁ ବାହାରକୁ ଯିବା ବେଳେ ଲାଇଟ, ଫ୍ୟାନ ବନ୍ଦ କରି ନ ଥିଲୁ କାହିଁକି? ଷଷ୍ଠ ଶ୍ରେଣୀରେ ପଢୁଥିବା ରିଶି ବୁଝିପାରିଲାନି ମମିର ତାଗିଦ। ତାଙ୍କ ଘରକୁ ବୁଲି ଆସିଥିବା ପିଉସୀନାନୀଙ୍କୁ ରିଶି ଏହାର କାରଣ ପଚାରିଲା। ରିଶିର ପିଉସୀ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ।

ନାନୀ ବୁଝାଇ କହିଲେ, କୌଣସି ବସ୍ତୁର କାର୍ଯ୍ୟ କରିବାର କ୍ଷମତାକୁ ଶକ୍ତି କୁହାଯାଏ। ଶକ୍ତି ବିନା କୌଣସି କାର୍ଯ୍ୟ ହୋଇ ପାରି ନ ଥାଏ। ଫ୍ୟାନ ବୁଲିବା, ଲାଇଟ ଜଳିବା ଏବଂ ଅନ୍ୟାନ୍ୟ କାମ ପାଇଁ ଆମେ ବିଦ୍ୟୁତ୍‌ଶକ୍ତିର ବ୍ୟବହାର କରିଥାଉ।

ରିଶିର ଉତ୍ସାହ ବଢିଯାଇଥାଏ। ସେ ପଚାରିଲା ବିଦ୍ୟୁତ୍ ଶକ୍ତି ଆମେ କେଉଁଠାରୁ ପାଉ। ଆଉ ସବୁ ଶକ୍ତି ବିଷୟରେ କୁହ। ପିଉସୀନାନୀ ବୁଝାଇ କହିଲେ ଶକ୍ତିର ସୃଷ୍ଟି ନାହିଁ କି ବିନାଶ ନାହିଁ। ଏହା ଏକ ରୂପରୁ ଅନ୍ୟ ରୂପକୁ ରୂପାନ୍ତରିତ ହୋଇପାରେ। ସେହି ସମୟରେ ରିଶିର ତିନିଜଣ ସାଙ୍ଗ ସିକୁନ, ସୁଇଟି ଆଉ ଆଦର୍ଶ ପହଞ୍ଚିଗଲେ ସେଠାରେ। ନାନୀ ସେମାନଙ୍କୁ ବସିବାକୁ କହିଲେ। କହିଲ ପିଲେ, ବିଭିନ୍ନ ପ୍ରକାର ଶକ୍ତିର ନାମ କ'ଣ କ'ଣ। ବିଜୁଳି ଶକ୍ତି, ଚୁମ୍ବକୀୟ ଶକ୍ତି, ତାପ ଶକ୍ତି ବୋଲି ଆଦର୍ଶ କହିଲା।

ବହୁତ ଭଲ... । ଏହାଛଡା ଅନ୍ୟ ପ୍ରକାର ଶକ୍ତି ଅଛି। ଆଲୋକ ଶକ୍ତି, ଶବ୍ଦ ଶକ୍ତି, ନାଭିକୀୟ ଶକ୍ତି ଆଦି ବୋଲି ରିଶିର ନାନୀ କହିଲେ।

ଏହା ମଧ୍ୟରେ ରିଶିର ମମି ପକୁଡି ତିଆରି କରି ସମସ୍ତଙ୍କୁ ଖାଇବାକୁ ଦେଲେ। ପକୁଡି ଖାଉ ଖାଉ ରିଶି ପଚାରିଲା–ନାନୀ ବିଦ୍ୟୁତ୍ ଶକ୍ତି ଆମକୁ କିପରି ମିଳେ, ସେ ବିଷୟରେ କୁହ।

ମହାନ୍ ବୈଜ୍ଞାନିକ ସାର୍ ମାଇକେଲ ଫାରାଡେ ପ୍ରଥମେ ଇଲେକ୍ଟ୍ରୋମାଗ୍ନେଟିକ ଇଣ୍ଡକସନ ଉପରେ ଗବେଷଣା କରିଥିଲେ। ଏସି ଜେନେରେଟର ଏହି ସିଦ୍ଧାନ୍ତ ଉପରେ କାମ କରେ। ଏକ ଚୁମ୍ବକୀୟ କ୍ଷେତ୍ର ମଧ୍ୟରେ ଏକ ଟରବାଇନ (ଚକ୍ରି)କୁ ଯଦି ଘୂରାଯାଏ, ତେବେ ସେହି ଚକ୍ରିରେ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୁଏ। ଚକ୍ରିକୁ ଘୂରାଇବା ପାଇଁ ଆମେ ଅନ୍ୟ ଏକ ଶକ୍ତିର ବ୍ୟବହାର କରିଥାଉ ବୋଲି ନାନୀ ବୁଝାଇ କହିଲେ । ଆମ ରାଜ୍ୟର କେଉଁ କେଉଁ ସ୍ଥାନରେ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଅଛି। ନାନୀ ପଚାରିଲେ ପିଲାମାନେ ସବୁ ଚୁପ୍ ରହିଲେ।

ଶୁଣ ପିଲାମାନେ...., ଆମ ରାଜ୍ୟର ହୀରାକୁଦରେ ଏକ ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଅଛି। ସେଠାରେ ପାଣି କିଛି ଉଚ୍ଚତାରୁ ଚକ୍ରି ଉପରେ ପଡି ଏହାକୁ ଘୂରାଏ ଏବଂ ସେଥିରେ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୁଏ। ଯଦି ପାଣି ସରିଯାଏ ତେବେ ଅସୁବିଧା ହେବ କି? ଆଦର୍ଶ ପଚାରିଲା। ହଁ ସେଥିପାଇଁ ଖରାଦିନେ ବାରମ୍ବାର ପାୱାର କଟ୍ ହୋଇଥାଏ। ଏହାଛଡା କୋଇଲା ଜାଳି ପାଣିକୁ ବାଷ୍ପ କରାଯାଏ। ଏହି ବାଷ୍ପକୁ ବ୍ୟବହାର କରାଯାଇ ଚକ୍ରି(ଟରବାଇନ)କୁ ମଧ୍ୟ ଘୂରା ଯାଇଥାଏ ବୋଲି ନାନୀ ବୁଝାଇଦେଲେ।

ରିଶି ସବୁ ବୁଝିଗଲା ଭଳି ମୁଣ୍ଡ ହଲାଇ ପଚାରିଲା ଏହା ତ ବହୁତ ଭଲ, ଆମେ ବିଦ୍ୟୁତ ଶକ୍ତି ଏତେ ସହଜରେ ପାଇ ପାରୁଛେ କିନ୍ତୁ ଫ୍ୟାନ, ଲାଇଟ ବନ୍ଦ ନ କଲେ କ୍ଷତି କ'ଣ।

ଦେଖ ପିଲାମାନେ। ଆମ ପାଖରେ ଥିବା କୋଇଲା ସରିଗଲେ କିମ୍ବା ଖରାଦିନେ ପାଣି ନ ଥିଲେ ବିଜୁଳି ଶକ୍ତି ଆମେ ପାଇବା କେଉଁଠୁ।

ପକୁଡି ଖାଇବା ସରିଯାଇଥିଲା। ଏକା ସାଙ୍ଗରେ ସମସ୍ତେ ଦୀର୍ଘଶ୍ୱାସ ଛାଡିଲେ। ରାତିରେ ଘର, ବାହାର ରାସ୍ତା ସବୁ ଅନ୍ଧାର।

ସମସ୍ତେ ଆଖି ବନ୍ଦ କରି ସେହି ପରିସ୍ଥିତିକୁ ଭାବନ୍ତୁ, ଅନ୍ଧାର ଆଉ ଅନ୍ଧାର..। ହଁ ନାନୀ, ଆମେ ବିଜୁଳିଶକ୍ତି ସଂରକ୍ଷଣ କରିବୁ। ସେ ବିଷୟରେ ସମସ୍ତଙ୍କୁ କହିବୁ। ଦରକାର ନ ଥିଲେ ସବୁ ସୁଇଚ ବନ୍ଦ ରଖିବୁ। ସ୍କୁଲରେ ଏହା ଉପରେ ଡିବେଟ୍ ରଖିବୁ ବୋଲି ରିଶି ଆଗତୁରା ହୋଇ କହିଲା। ଅନ୍ୟ ସାଙ୍ଗମାନେ ତା' କଥାରେ ମୁଣ୍ଡ ହଲେଇଲେ।

ଶୁଣ ପିଲାମାନେ, ଏହି ବିଜୁଳି ଶକ୍ତି ସଂକଟର ସମାଧାନ ପାଇଁ ବୈଜ୍ଞାନିକମାନେ ଏକ ବିକଳ୍ପ ରୂପେ ନାଭିକୀୟ ଶକ୍ତି (ନିଉକ୍ଲିଅର ଏନର୍ଜି)କୁ ବ୍ୟବହାର କରୁଛନ୍ତି। ନାଭିକୀୟ ଶକ୍ତିରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୋଇପାରୁଛି। ନିଉକ୍ଲିଅର ରିଆକ୍ଟର, ଆଟମବମ୍‌ରେ ମଧ୍ୟ ନାଭିକୀୟ ଶକ୍ତିର ବ୍ୟବହାର ହୋଇଥାଏ ବୋଲି ରିଶିର ନାନୀ ବୁଝାଇ କହିଲେ।

ଆଦର୍ଶ ଆଖି ବଡ଼ ବଡ଼ କରି ଚାହିଁଥାଏ। ଏବେ ତୁମେମାନେ ଖେଳିବାକୁ ଯାଅ। ଥ୍ୟାଙ୍କ ୟୁ ନାନୀ କହି ପିଲାମାନେ ଖେଳିବାକୁ ଚାଲିଗଲେ। କିନ୍ତୁ ବିଜ୍ଞାନ ଶିକ୍ଷୟିତ୍ରୀ ଏକାନ୍ତରେ ଭାବୁଥିଲେ ଆଇନଷ୍ଟାଇନଙ୍କ ମାସ୍ ଏନର୍ଜି ରିଲେଶନକୁ। ବସ୍ତୁତ୍ୱ (ମାସ୍) ଶକ୍ତିକୁ ରୂପାନ୍ତରିତ ହେଉଛି କିପରି।


*–ଶିକ୍ଷୟିତ୍ରୀ, କେନ୍ଦ୍ରୀୟ ବିଦ୍ୟାଳୟ ନଂ.–୧, ଭୁବନେଶ୍ୱର*

## ଜଣା ଅଜଣା



✲ ମାଙ୍କଡମାନେ ଖାଦ୍ୟ ଖାଇଲା ବେଳେ ପାଟିର ଦୁଇ ପାର୍ଶ୍ୱରେ ସଞ୍ଚୟ କରି ରଖନ୍ତି। ଫୁରସତରେ ଏହାକୁ ବାହାର କରି ପୁଣି ଚୋବାଇ ଖାଇଥା'ନ୍ତି।

✲ ମଧ୍ୟରାତ୍ର ସୂର୍ଯ୍ୟର ଦେଶ କୁହାଯାଉଥିବା ନରୱେରେ ବର୍ଷର କିଛି ନିର୍ଦ୍ଦିଷ୍ଟ ସମୟରେ ସୂର୍ଯ୍ୟ କେବଳ ୪୦ ମିନିଟ ପାଇଁ ଅସ୍ତ ହୋଇ ପୁଣି ଉଦୟ ହୋଇଥାଏ।





✲ ବୈଜ୍ଞାନିକଙ୍କ ମତରେ ମହୁ ଯେତେ ପୁରୁଣା ହୋଇଥାଏ ଶରୀର ପାଇଁ ସେତେ ଫଳପ୍ରଦ ହୋଇଥାଏ। ଶରୀରକୁ ଆବଶ୍ୟକ ଥିବା ସମସ୍ତ ତତ୍ତ୍ୱ ଏଥିରେ ମହଜୁଦ ରହିଛି।

# ଆଇନା







